# Akashvani, Sambalpur

# SAMBALPURI NEWS MORNING BULLETIN

## 10 May 2026 - 6.47- 6.52 am.

---

ରାଷ୍ଟ୍ରୀୟ ଲୋକ୍ ଅଦାଲତ୍      ଆର୍ଏନ୍ୟୁ/ ସମ୍ବଲପୁର

ରାଏଜେ ଗଲାକାଏଲ୍ ହେଇଥିବା ୨ ନମ୍ବର୍ ରାଷ୍ଟ୍ରୀୟ ଲୋକ୍ ଅଦାଲତ୍‌ଥି ମୋଟ୍ ୨ ଲାଖ୍ ୭୭ ହଜାର୍ ୫ ଶହ ୨୩ ଟା ମାମ୍ଲାର୍ ଅପୋଷ୍ ଫଏସଲା କରାଯାଇଛେ ବଲି ଓଡ଼ିଶା ରାଜ୍ୟ ଆଇନ୍‌ସେବା ପ୍ରାଧିକରଣ୍ ତର୍ଫୁ ସୂଚ୍ନା ଦିଆଯାଇଛେ । ସୂଚ୍ନା ଅନ୍‌ସାରେ କ୍ଷତିପୂରଣ୍ ବାବ୍‌ଦେ ୮୯ କୋଟି ୯୫ ଲାଖ୍ ୨୯ ହଜାର୍ ଟଙ୍କା ଆଦାୟ ଲାଗି ନିର୍ଦ୍ଦେଶ୍ ଦିଆଯାଇଛେ । ଇ ଲୋକ୍ ଅଦାଲତ୍‌ଥି ଖାସ୍‌କରି ୪ ଶହ ୩୯ ଟା ଫୌଜଦାରୀ, ୯ ଶହ ୧୮ ଟା ଚେକ୍ ବାଉନ୍ସ, ୩ ଶହ ୧୮ ଟା ଟଙ୍କା ଆଦାୟ, ୭ ଟା ବିତୀୟ ମାମ୍ଲା, ୪ ଶହ ୧୭ ଟା ମୋଟର୍ ଯାନ ଦୁର୍ଘଟଣା ଜନିତ କ୍ଷତିପୂରଣ୍, ୧ ହଜାର୍ ୩ ଶହ ୧୨ ଟା ମୋଟର୍ ଯାନ ଆଇନ୍ ଅଧୀନ୍‌ଥି ଟ୍ରାଫିକ୍ ଚାଲାଣ୍, ୨ ଲାଖ୍ ୫୬ ହଜାର୍ ୮ ଶହ ୫ ଟା

ରାଜସ୍ୱ ମାମ୍‌ଲା, ୧ ହଜାର୍ ୫ ଶହ ୩ ଟା ଦେଓ୍ୱାନୀ ମାମ୍‌ଲାର୍ ଫଏସଲା କରାଯାଇଥିଲା ।

ଜାତୀୟ ପଂଚାୟତ୍ ପୁରସ୍କାର ଏନ୍‌ଏସ୍‌ଡି

କେନ୍ଦ୍ର ସର୍‌କାର୍‌ଙ୍କର୍ ତର୍‌ଫୁ ଜାତୀୟ ପଂଚାୟତ୍ ପୁରସ୍କାର୍-୨୦୨୫ ଲାଗି ବିଜେତାଙ୍କର୍ ନାଁ ଘୋଷ୍‌ନା କରାଯାଇଛେ । ଇଥିର୍‌ଲାଗି ଦେଶର୍ ୪୨ ଟା ପଂଚାୟତ୍‌କେ ବଛାଯାଇଛେ । ଇଥି ଓଡ଼ିଶା ୫ ଟା ପୁରସ୍କାର୍ ପାଏବାର୍ ଲାଗି ମନୋନୀତ୍ ହେଇଛେ । ଆଏବା ମାସର୍ ୩ ତାରିଖ୍ ନୂଆଦିଲ୍ଲୀ ନ ପୁରସ୍କାର୍ ବିତରଣ୍ ସମାରୋହ ହେବା ବଲି ପଂଚାୟତିରାଜ୍ ମନ୍ତ୍ରଣାଳୟ ତର୍‌ଫୁ ସୂଚ୍‌ନା ଦିଆଯାଇଛେ ।

ରେଲ୍ ପ୍ରକଳ୍ପ ନୂଆପଡ଼ା ସମ୍ବାଦଦାତା

କେବିକେ ଇଲାକା ନ ରେଲ୍ ସଂଯୋଗୀକରଣ୍ ଆଉ ଭିତିଭୂମିର୍ ବିକାଶ୍ ଲାଗି ରାଜ୍ୟସଭା ସାଂସଦ୍ ସୁଜିତ୍ କୁମାର୍ ଗଲାକାଏଲ୍ ରେଲ୍‌ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ୍‌ଙ୍କୁ ଭେଟିକରି ଭିନ୍ ଭିନ୍ ରେଲ୍ ପ୍ରକଳ୍ପ

ମାନ୍‌କର୍ ବାବ୍‌ଦେ ଜନେଇଛନ୍ । ନୂଆଁ ରେଲ୍‌ଲାଇନ୍ ପ୍ରକଳ୍ପ ମାନ୍‌କର୍ ଭିତ୍‌ରେ କେସିଙ୍ଗା- ଭବାନୀପାଟ୍‌ନା ଭାୟା ଉହେଲା, ଫୁଲ୍‌ବାଣୀ- ଲାଞ୍ଜିଗଡ୍ ଭାୟା ବାଲିଗୁଡ଼ା-ମଦନ୍‌ପୁର୍-ରାମ୍‌ପୁର୍, ରାୟପୁର୍ -ଧରମ୍‌ଗୁଡ୍ ଭାୟା ରାଜିମ୍ -ଗରିଆବନ୍ଧ୍- ଦେଭୋଗ୍ ଆଉ ନୂଆପଡ଼ା -ଧରମ୍‌ଗଡ୍ ଭାୟା କୋମ୍‌ନା-ଖଡ଼ିଆଲ୍ ଗୋଲାମୁଣ୍ଡା ରହିଛେ । ଇତାର୍‌ସହେତେ ରେଲ୍ ଭିତିଭୂମିକେ ବର୍‌କସ୍ କର୍‌ବାର୍ ଆଉ ଏକ୍ସପ୍ରେସ୍ ଟ୍ରେନ୍ ମାନ୍‌କର୍ ରହଣୀ ବାବ୍‌ଦେ ଭିଲ୍ ଆଲୋଚନା କରାଯାଇଛେ ।

ପୂର୍ବତଟ ରେଲ୍‌ପଥ୍ ମହାପ୍ରବନ୍ଧକ୍ ଆର୍‌ଏନ୍‌ୟୁ/ ସମ୍ବଲପୁର

ପୂର୍ବତଟ ରେଲ୍‌ପଥ୍ ମହାପ୍ରବନ୍ଧକ୍ ପରମେଶ୍ୱର୍ ଫୁଙ୍କ୍‌ୱାଲ୍ ଗଲାକାଏଲ୍ ସମ୍ବଲ୍‌ପୁର୍- ଝାର୍‌ସୁଗୁଡ଼ା ରୋଡ୍ ସେକ୍ସନ୍‌ର ରେଲ୍ ଭିତିଭୂମି ଆଉ ତିଆର୍ ହଉଥିବା ରେଲ୍ ପ୍ରକଳ୍ପ ମାନ୍‌କର୍ ନିରୀକ୍ଷଣ୍ କରିଛନ୍ । ଇ ସମିଆଥି ରେଲ୍ ସେକ୍ସନ୍‌ର ଭିନ୍ ଭିନ୍ ଷ୍ଟେସନ୍‌ଥି ନିରାପତା ବ୍ୟବସ୍ଥା, ଟ୍ରାଫିକ୍ ସୁବିଧା, ଯାତ୍ରୀ ସୁବିଧା ଆଉ ଚାଲୁଥିବା ଭିତିଭୂମି କାମ୍ ବାବ୍‌ଦେ ସମୀକ୍ଷା କର୍‌ବାର୍ ସହେତେ

ନିରାପଦ୍ ଆଉ ସୁଗମ୍ ଟ୍ରେନ୍ ଚଲାଚଲ୍‌କେ ସୁନିଶ୍ଚିତ୍ କର୍‌ବାର୍ ଉପ୍‌ରେ ଶ୍ରୀ ଫୁଙ୍କ୍‌ୱାଲ୍ ଜୋର୍ ଦେଇଛନ୍ । ଇଥିର୍‌ଲାଗି ଜରୁରୀ ସତର୍କତା ମୂଲକ୍ ପଦକ୍ଷେପ୍ ନେବାର୍‌କେ ଅଧିକାରୀ ମାନ୍‌କୁ ସେ ନିର୍ଦ୍ଦେଶ୍ ଦେଇଛନ୍ । ଇତାର୍‌ଛଡ଼ା ଅମୃତ୍ ଷ୍ଟେସନ୍ ଯୋଜ୍‌ନା ଅଧୀନ୍‌ଥି ଷ୍ଟେସନ୍‌ର ପୁର୍ନବିକାଶ୍ କାମ୍‌ର ଅଗ୍ରଗତି ବାବ୍‌ଦେ ଭିଲ୍ ଶ୍ରୀ ଫୁଙ୍କ୍‌ୱାଲ୍ ସମୀକ୍ଷା କରିଛନ୍ ।

ଚନ୍ଦନ୍ ଯାତ୍ରା ଆର୍‌ଏନ୍‌ୟୁ/ ସମ୍ବଲପୁର

ଶ୍ରୀକ୍ଷେତ୍ର ପୁରୀ ନ ପବିତ୍ର ଅକ୍ଷୟ ତୃତୀୟା ଦିନୁ ମୁଲ୍ ହେଇଥିବା ବାହାର୍ ଚନ୍ଦନ୍ ଯାତ୍ରା ଆଏଜ୍ ଶେଷ୍ ହେବା । ଶେଷ୍ ଦିନେ ନରେନ୍ଦ୍ର ପୁଷ୍କରିଣୀ ନ ମାହାପୁରୁମାନ୍‌କର୍ ହଳଦୀ ପାଣି ନୀତି କରାଯିବା । ଗଲାକାଏଲ୍ ପବିତ୍ର ଭଉଁରୀ ତିଥି ନ ଚଳନ୍ତି ପ୍ରତିମା ମାନେ ନରେନ୍ଦ୍ର ପୁଷ୍କରିଣୀକେ ବିଜେ କର୍‌ବାର୍ ସହେତେ ରାତ୍ରୀଚାପଥି ସରୋବର୍ ନ ୨୧ ଘେରା ଜଳ କ୍ରୀଡ଼ା କରିଥିଲେ । ଆଏବା କାଏଲ୍‌ଠାନୁ ମାହାପୁରୁଙ୍କର୍ ଭିତର୍ ଚନ୍ଦନ୍ ଯାତ୍ରା ମନ୍ଦିର୍ ଭିତ୍‌ରେ ମୁଲ୍ ହେବା ।

ଡଙ୍ଗର ଆଇ ଆଣ୍ଡ୍ ପି.ଆର୍

ଓଡ଼ିଆ ଭାଷା, ସାହିତ୍ୟ ଆଉ ସଂସ୍କୃତି ବିଭାଗ୍ ତର୍‌ଫୁ ଓଡ଼ିଶା ସଂଗୀତ୍ ନାଟକ୍ ଏକାଡେମୀ କଲାହାଣ୍ଡି ଜିଲ୍ଲା ସଂସ୍କୃତି ପରିଷଦ୍ ଆଉ ଶୁଭମ୍ ଅନୁଷ୍ଠାନ୍‌ର ମିଳିତ୍ ସହଯୋଗ୍‌ଥି ଆଦିବାସୀ ନୃତ୍ୟ ସଂଗୀତ୍ ମହୋତ୍ସବ୍ - ଡଙ୍ଗର୍ ଗଲାକାଏଲ୍ ଉଦ୍‌ଘାଟିତ୍ ହେଇଯାଇଛେ । ଭବାନୀପାଟ୍‌ନାର୍ ମହାବୀର୍ ସାଂସ୍କୃତିକ୍ ଅନୁଷ୍ଠାନ୍ ରଙ୍ଗମଂଚ ନ ୨ ଦିନ୍ ଧରିକରି ଇ କାର୍ଯ୍ୟକ୍ରମ୍ ହେବା । ଉଦ୍‌ଘାଟନୀ ସଙ୍ଗେ ଭିନ୍ ଭିନ୍ ଜନଜାତି ସମ୍ପ୍ରଦାୟର୍ ଆଦିବାସୀ ନାଚ୍ ପରିବେଷଣ୍ କରାଯାଇଛେ । ଆଦିବାସୀ ସଂସ୍କୃତିର୍ ମୌଳିକତାକେ ସାରା ପୁର୍‌ଥି ନ ପ୍ରଚାର୍ ପ୍ରସାର୍ କର୍‌ବାର୍ ଲାଗି ଯୁବ କଲାକାର୍‌ମାନ୍‌କୁ ଅତିଥିମାନେ ଆହ୍ୱାନ୍ ଦେଇଛନ୍ ।

ମଦର୍ସ ଡେ ଆର୍‌ଏନ୍‌ୟୁ/ କଟକ୍

ମୁନୁଷର୍ ଜୀବନ୍ ଆର୍ ସମାଜ୍ ଗଢ଼୍‌ବାର୍‌ଥି ମା'ର ଭୂମିକା ବହୁତ୍ ଗୁରୁତ୍ୱପୂର୍ଣ୍ଣ ଆଏ । ମା' ମାନ୍‌କର୍ ଉତ୍ସର୍ଗୀକୃତ ଜୀବନ୍‌କେ ସୁର୍‌ତା

କରିକରି ଆଏଜ୍ ସାରା ପୁର୍ଥି ନ ପାଲିତ୍ ହେଉଛେ ମଦର୍ସ ଡେ-ମାତୃଦିବସ୍ । ଫି’ ବଛର୍ ମେ ମାସର୍ ୨ ନମ୍ବର୍ ରଏବାର୍ଥି ଇ ଦିନ୍ ପାଲନ୍ କରାଯାଏସି । ୧୯୦୮ ମସିହାଥି ପହେଲାକରି ଆମେରିକାର ପଶ୍ଚିମ ଭର୍ଜିନିଆର ଗ୍ରାଫ୍ଟନ୍ ସହର୍ ନ ଥିବା ସେଂଟ୍ ଆଣ୍ଡ୍ରିୟୁସ୍ ମେଥୋଡିସ୍ ଚର୍ଚ୍ଚ ନ ମାତୃଦିବସ୍ ପାଲନ୍ କରାଯାଇଥିଲା ।

ଅଣସଂକ୍ରାମକ ରୋଗ ଚିହ୍ନଟ୍ ଶିବିର      ହି.ସ.

ବଲାଙ୍ଗିର୍ ସିଭିଲ୍‌କୋର୍ଟ ପରିସର୍ ନ ଅଣସଂକ୍ରାମକ ରୋଗ ଚିହ୍ନଟ୍ ଶିବିର୍ ହେଇଯାଇଛେ । ଶିବିର୍ଥି ଅଣସଂକ୍ରାମକ୍ ରୋଗ ଚିହ୍ନଟ୍ ସହେତେ ମାହାଲିଆ ରକ୍ତପରୀକ୍ଷା, ଉଷୋ ଆଉ ଚିକିତ୍ସା ସୁବିଧା ଯୁଗେଇ ଦିଆଯାଇଥିଲା । ଇଥି ୮୦ ଲୁକ୍‌କର୍ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା ।

ପାଣିପାଗ      ଆର୍‌ଏନ୍‌ୟୁ/ ସମ୍ବଲପୁର

ଦକ୍ଷିଣ ଆଣ୍ଡାମାନ୍ ସାଗର୍ ନ ସୃଷ୍ଟି ହେଇଥିବା ଘୂର୍ଣ୍ଣିବଲୟ ଆଏବା କାଏଲ୍‌ତକ୍ ଲଘୁଚାପ୍‌ଥି ବଦ୍‌ଲିବାର୍ ସମ୍ଭାବନା ରହିଛେ ।  ଇତାର୍ ପ୍ରଭାବ୍‌ଥି ରାଏଜେ ବର୍ଷା ହେବା ବଲି ଭୁବ୍‌ନେଶ୍ୱର୍ ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ର ତର୍‌ଫୁ ଅନୁମାନ୍ କରାଯାଇଛେ । ଆଏବା ୨୪ ଘଂଟା ଭିତ୍‌ରେ ବିଜ୍‌ଲି, ଘଡ଼୍‌ଘଡ଼ି ସହେତେ ବର୍ଷା ହେବା ବଲି ପାଖାପାଖି ସବୁ ଜିଲ୍ଲାକେ କେନ୍ଦ୍ର ତର୍‌ଫୁ ସତର୍କ ସୂଚ୍‌ନା ଜାରି କରାଯାଇଛେ । ଇ ସମିଆଥି ପବନ୍‌ର ବେଗ ଘଂଟାକ ୪୦ ନୁ ୫୦ କିଲୋମିଟର୍ ରହେବା ବଲି କେନ୍ଦ୍ର ତର୍‌ଫୁ ଅନୁମାନ୍ କରାଯାଇଛେ । ସମୁଦ୍ର ଅଶାନ୍ତ ରହୁଥିବାର୍‌ନୁ ମସ୍ୟଜୀବୀମାନ୍‌କୁ ସମୁଦ୍ର ଭିତର୍‌କେ ନାଇଁ ଯିବାର୍‌କେ କୁହାଯାଇଛେ । ଇ ମାସର୍ ୨ ନମ୍ବର୍ ହପ୍ତାତକ୍ ଦକ୍ଷିଣ ବଙ୍ଗୋପ୍‌ସାଗର୍, ଆଣ୍ଡାମାନ୍ ସାଗର୍ ଆଉ ଆଣ୍ଡାମାନ୍ ନିକୋବର୍ ଦ୍ୱୀପ ନ ମୌସୁମୀ ପହଁଚିବା ବଲି ପାଣିପାଗ୍ ବିଭାଗ୍ ତର୍‌ଫୁ ଅନୁମାନ୍ କରାଯାଇଛେ ।